ପାଠ-୩

# ଛେଳି ଡରେ ପାଣିକି

## STUDY NOTES

ପିଲାମାନେ ତୁମେମାନେ ଯେତେବେଳେ ଭୂତ ଗପ ହେଉ କିମ୍ବା, ଅନ୍ଧାର ରାତି ହେଉ କିମ୍ବା ବଣରେ ରହୁଥିବା କୌଣସି ବାଘ, ଭାଲୁ ଭଳି ବଣ ଜୀବଜନ୍ତୁକୁ ଦେଖିଲେ ବା ତାଙ୍କ କଥା ଶୁଣିଲେ ମନରେ ଭୟ ଆସେ।

ତୁମମାନଙ୍କ ଭଳି ମଧ୍ୟ ସମସ୍ତଙ୍କର ମନରେ ଭୟ ଆସେ। ଆଜି ଠିକ୍ ଆମେ ତୁମମାନଙ୍କର ପାଠ ବହିରେ ଥିବା ପାଠ-୩ର 'ଛେଳି ଡରେ ପାଣିକି' ବିଷୟଟିରେ ଜାଣିବା କାହିଁକି ଛେଳି ପାଣିକୁ ଯିବା ପାଇଁ ଡରେ ବା ଭୟ କରେ।



ସାଧାରଣତଃ ଛେଳି ଘୋଟିଏ ଗୃହପାଳିତ ପଶୁ। ଚରିବା ପାଇଁ ଅର୍ଥ ଘାସ, ପତର ଖାଇବା ପାଇଁ ବୋଧହୁଏ ବଣ ଭିତରକୁ ଯାଇଥାଏ।

୧. କ) ଛେଳି ଗୋଟିଏ <u>ଗୃହପାଳିତ</u> ପଶୁ।

ଖ) ଚରିବା ଅର୍ଥ କ'ଣ ?

ଉ: ଚରିବା ଅର୍ଥ ଖାଇବା।

ବଣ ଭିତରେ ପାହାଡ଼ ବହୁତ ସୁନ୍ଦର ଦେଖାଯାଉଥାଏ। କାରଣ, ପାହାଡ଼ ତଳେ କଳକଳ ଶବ୍ଦ କରି ଝରଣାଟିଏ ବୋହି ଯାଉଥାଏ। ଝରଣା ପାଣିରେ ମଧ୍ୟ ମାଛମାନେ ଫକ ଫକ ହୋଇ ଡିଆଁଡେଇଁ କରୁଥା'ନ୍ତି।



ସଫା ପାଣି ଦେଖିଲେ ଆମମାନଙ୍କର ଯେମିତି ଇଚ୍ଛା ହୁଏ ଟିକେ ପିଇଦେବା ପାଇଁ କିମ୍ବା ଗାଧେଇପଡ଼ିବା ପାଇଁ ଠିକ୍ ସେମିତି ବଣରେ ବୁଲୁଥିବା ଛେଳିର ଭାରି ଇଚ୍ଛା ହେଲା ଝରଣା ପାଣିରେ ଗାଧେଇବା ପାଇଁ।



୨. କ) ଛେଳିର କ'ଣ ଇଚ୍ଛା ହେଲା ?

ଉ: ଛେଳିର ଝରଣା ପାଣିରେ ଗାଧେଇବା ପାଇଁ ଇଚ୍ଛା ହେଲା।

ଖ) ଛେଳି କେଉଁଠି ବୁଲୁଥିଲା ?

ଉ: ଛେଳିଟି ବଣରେ ବୁଲୁଥିଲା।

ଗାଧେଇବା ପାଇଁ ଛେଳି ଆଉ ଡେରି ନ କରି ପାଣି ଭିତରକୁ ଡେଇଁ ପଡ଼ିଲା। ପାଣି ଭିତରେ ତ ବହୁତଗୁଡ଼ିଏ ମାଛ ଥିଲେ। ଯେମିତି ଛେଳି ପାଣି ଭିତରକୁ ଡେଇଁଛି ଛେଳିର ଗୋଡ଼ ଗୋଟିଏ ମାଛ ଦେହରେ ବାଜିଗଲା। ଯେମିତି ମାଛକୁ ଆଘାତ ହେଲା, ମାଛ ଆଉ କ'ଣ ଛାଡ଼େ ରାଗରେ ଗରଗର ହୋଇ ଛେଳିର ଗୋଡ଼କୁ କାମୁଡ଼ି ଦେଲା।

୩. କ) ପାଣି ଭିତରେ କ'ଣ ଥିଲେ ?

ଉ: ପାଣି ଭିତରେ ମାଛ ଥିଲେ।

ଖ) ଉପର ବିଷୟଟିରୁ ଯୋଡ଼ା ଶବ୍ଦଗୁଡ଼ିକ ଲେଖ।

ଉ: କଳକଳ ଓ ଗରଗର

ଗ) ମାଛ କାହା ଗୋଡ଼କୁ କାମୁଡ଼ି ଦେଲା ?

ଉ: ମାଛ ଛେଳିର ଗୋଡ଼କୁ କାମୁଡ଼ି ଦେଲା।

ଯେମିତି ମାଛ ଛେଳିର ଗୋଡ଼କୁ କାମୁଡ଼ି ଦେଇଛି ଛେଳିର ଦେହ ଝିମ୍ ଝିମ୍ ହୋଇଗଲା। ସେ ଭୟରେ ପାଣି ଭିତରୁ ବାହାରି ଗଲା। ସେହି ଦିନଠାରୁ ଛେଳି ଆଉ ପାଣି ଭିତରକୁ ଗଲା ନାହିଁ।

୪. କ) କାହାର ଦେହ ଝିମ୍ ଝିମ୍ ହେଇଗଲା ?

ଉ: ଛେଳିର ଦେହ ଝିମ୍ ଝିମ୍ ହୋଇଗଲା।

♦ ♦ ♦

ODM EDUCATIONAL GROUP Changing your Tomorrow